# ଅଧ୍ୟାତ୍ମଜୀବନର ବିଶେଷକଥା

## ଆତ୍ମଲିପିର ସଂକ୍ଷେପିକା

आजानपूतामनुभूतिभूषा–
मध्यात्ममार्गामृततत्त्वगर्भाम् ।
संक्षेपिकां केशवचन्द्रवाणीं
नीलाद्रिनाथोऽवतु चक्रपाणिः ।। इति ।।

ସ୍ୱଭାବତଃ ପବିତ୍ର ଓ ଅନୁଭୂତିଭୂଷଣ ପ୍ରୋ. କେଶବଚନ୍ଦ୍ରଦାଶଙ୍କର ବାଣୀସ୍ୱରୂପ ସଂକ୍ଷେପିକାକୁ ନୀଳାଦ୍ରିନାଥ ଚକ୍ରପାଣି ରକ୍ଷାକରନ୍ତୁ । ଏହି ସଂକ୍ଷେପିକାର ମାର୍ଗ ଅଧ୍ୟାତ୍ମ ଓ ଗର୍ଭ ଅମୃତମୟ ।

# ଅଧ୍ୟାତ୍ମଜୀବନର ବିଶେଷକଥା


୧. ପୃଷ୍ଠଭୂମି

୨. ଦୀକ୍ଷା

୩. ଲୋକୋତ୍ତରଜ୍ଞାନ

୪. ଆରୋହ

୫. ଅବରୋହ

୬. ମୁକ୍ତଚେତନା

୭. ଅତିସାଧାରଣରୁ ଅନନ୍ୟସାଧାରଣ

୮. ଇତି କଥା

# ଅଧ୍ୟାତ୍ମଜୀବନର ବିଶେଷକଥା

## ୧. ପୃଷ୍ଠଭୂମି

ସାମାଜିକଦୃଷ୍ଟିକୋଣରୁ ସଂସ୍କୃତ ଓ ଆଧ୍ୟାତ୍ମିକତା ଏହି ଦୁଇଟି ବିଷୟ ସେଭଳି ଗୌରବ ରଖିନାହିଁ, ଯେପରି ବିଜ୍ଞାନ ପ୍ରଭୃତି ବିଷୟ ଗୌରବାସ୍ପଦ ହୋଇଛି । ତଥାପି ଆଧୁନିକ ଜୀବନ ସହିତ ଏହି ଦୁଇଟି ବିଷୟକୁ ଯୋଡିବାପାଇଁ ମୁଁ ବହୁତ ଚେଷ୍ଟା କରିଛି । କେତେକ ନିର୍ଦ୍ଦିଷ୍ଟବିଷୟକୁ ମୌଳିକ ଓ ସୃଜନାତ୍ମକ ଭାବରେ ମୁଁ ଉପସ୍ଥାପନ କରିଛି । ଯଥା ସଂସ୍କୃତକୁ ସରଳ କରିବାରେ -

୧. ଗବେଷଣାତ୍ମକ ମାର୍ଗଦର୍ଶନ କରିବା ।

୨. ସମକାଳିକ ବିଶ୍ୱ ଓ ଭାରତୀୟ ସାହିତ୍ୟକୁ ନଜରରେ ରଖି ସୂକ୍ଷ୍ମଚିନ୍ତନ ମାଧ୍ୟମରେ ସରଳଶୈଳୀର ଆଶ୍ରୟ ନେଇ ଆଧୁନିକ ସୃଜନାତ୍ମକ ସଂସ୍କୃତସାହିତ୍ୟର ଗୋଟିଏ ନୂତନ ଦିଗକୁ ଉନ୍ମୋଚିତ କରିବା ।

୩. ଗବେଷଣାକ୍ଷେତ୍ରରେ ସଂସ୍କୃତ ଓ ସଂଗଣକ (କମ୍ପ୍ୟୁଟର)ର ପ୍ରୟୋଗାତ୍ମକ ଦୃଷ୍ଟିଭଙ୍ଗୀକୁ ମୋ ଗବେଷଣାତ୍ମକ ଲେଖାରେ ଆଗକୁ ବଢାଇବା ।

୪. ସଂସ୍କୃତରେ ପଟକଥା (ଫିଲ୍ମସ୍କ୍ରିପ୍ଟ୍) ଲେଖିବା, ଆଧୁନିକ ସଂସ୍କୃତ ଉପନ୍ୟାସକୁ ମଞ୍ଚୋପଯୋଗୀ ନାଟ୍ୟରୂପାନ୍ତର ଓ ତଥା ଧ୍ୱନି ବେତାର ନାଟକ ରୂପେ ପ୍ରୟୋଗ

କରିବାର ପ୍ରୟାସ ଇତ୍ୟାଦି ।

ଏସବୁ ସତ୍ତ୍ୱେ ମୋର ଜିଜ୍ଞାସୁମନରେ କିଛି ସ୍ୱପ୍ନ ମଧ୍ୟ ଥିଲା । ଯାହା ମୁଁ କରିବାକୁ ଚାହୁଁଥିଲି ଯଥା–

୧. ନ୍ୟାୟଶାସ୍ତ୍ର ଅଧ୍ୟୟନ ଅଧ୍ୟାପନ କଲାବେଳେ ଏହି ଶାସ୍ତ୍ରର ଚିନ୍ତନସୀମାକୁ ଅନୁଭବ କରିପାରୁଥିଲି । ଉଦାହରଣ ସ୍ୱରୂପ ଭାଷାର ଅବବୋଧ ପାଇଁ ଏହି ଶାସ୍ତ୍ରରେ ପାରିଭାଷିକ ଶୈଳୀରେ ଅନେକ ଚିନ୍ତନ କରାଯାଇଅଛି । ଏହା ଶବ୍ଦ ଓ ବାକ୍ୟର ପରିସୀମା ଭିତରେ ଆବଦ୍ଧ ରହିଅଛି । ଏହି ଅବବୋଧାତ୍ମକ ଚିନ୍ତନକୁ ଆଗକୁ ନେବାପାଇଁ ବିଶେଷତଃ ବାକ୍ୟରୁ Paragraph "ବାକ୍ୟସମୂହ"ର ଅବବୋଧ ତଥା ଗଳ୍ପ ବା କଥାର ଅବବୋଧ ପ୍ରକାରକୁ ନୂତନ ଶାସ୍ତ୍ରୀୟ ରୂପଦେବାପାଇଁ ମୁଁ ମୋ ଗବେଷଣାତ୍ମକ ଗ୍ରନ୍ଥରେ କିଛି ବିଚାର ଦେଇଅଛି । ଏହା ସଂଗଣକୀୟ ଭାଷାବିଜ୍ଞାନର ଏକ ଅଂଶ ହୋଇଥିବା ହେତୁ ଭାଷାଭିତ୍ତିକ କମ୍ପ୍ୟୁଟର ଅଧ୍ୟୟନ ପାଇଁ ଅତ୍ୟନ୍ତ ଉପଯୋଗୀ । କିନ୍ତୁ ଏହାକୁ ବିଶେଷଭାବରେ ଆଗେଇ ପାରିନାହିଁ ।

୨. ସଂସ୍କୃତକୁ "ମୋବାଇଲ୍" ମାଧ୍ୟମରେ ଶିକ୍ଷା ଦେବାପାଇଁ ମୁଁ କିଛି ପ୍ରୟାସ କରିଥିଲି । ଯାହାର ସ୍ୱରୂପକୁ ସମ୍ପୂର୍ଣ୍ଣ କରିପାରିନାହିଁ ।

୩. ସଂସ୍କୃତରେ ପ୍ରଚାର ପାଇଁ ଗୋଟିଏ ସ୍ୱତନ୍ତ୍ର "ରେଡ଼ିଓ ସେଣ୍ଟର" କରିବାର

ଅଭିଳାଷ ଥିଲା, ଯାହାପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିସାରିଥିଲେ ସୁଦ୍ଧା ଆର୍ଥିକ ଅସ୍ୱଚ୍ଛଳତା ଦୃଷ୍ଟିରୁ ତାକୁ ଆଗେଇପାରି ନାହିଁ ।

ଏସବୁ ଚିନ୍ତନ ଭିତରେ ମୁଁ ଅନୁଭବ କରୁଥିଲି ଯେ ମୁଁ କୌଣସି ଏକ ସ୍ତରରେ ଅଟକି ଯାଉଅଛି । ଏକ ମନୁଷ୍ୟର ସମସ୍ତ ପ୍ରକାର ସୀମାକୁ ମୁଁ ଅନୁଭବ କରିପାରୁଥିଲି । ଯାହାକି ମୋତେ ଦୁଃଖପ୍ରଦାନ କରୁଥିଲା । ଏହି ସୀମାକୁ ଅତିକ୍ରମ କରିବାପାଇଁ ମୁଁ ସବୁବେଳେ ଉପାୟ ଖୋଜୁଥିଲି । ବିଭିନ୍ନ ବିଷୟରେ ସେମିନାର୍ କରିବା ଏବଂ ବିଭିନ୍ନ ସଂଗୋଷ୍ଠୀରେ ଯୋଗଦାନ କରିମଧ୍ୟ ଏ ବିଷୟରେ କୌଣସି ସମାଧାନ ପାଉନଥିଲି । ଶେଷରେ ବିଭିନ୍ନ ଧର୍ମାନୁଷ୍ଠାନର ଆଧ୍ୟାତ୍ମିକ ଗୁରୁ ଓ ସାଧୁସନ୍ଥମାନଙ୍କର ସଂସ୍ପର୍ଶରେ ଆସି କିଛି ନୂଆ ଜୀବନ ମୁଁ ଖୋଜିଲି । କିନ୍ତୁ ମୁଁ ଦେଖିଲି ଏହି ମନୁଷ୍ୟତ୍ୱର ସୀମା ଭିତରେ ବହୁଲୋକ ଆବଦ୍ଧ ହୋଇଛନ୍ତି । ତଥାପି ମୁଁ ଅନ୍ୱେଷଣ ଜାରି ରଖିଲି । ଆମର ପ୍ରାଚୀନ ଶାସ୍ତ୍ରର ମୌଳିକଭିତ୍ତିଭୂମି କୁ ଆଧାରକରି, ତାକୁ ମାନଦଣ୍ଡଭାବରେ ସ୍ୱୀକାର କରି ମୁଁ ପୁଣିଥରେ ସେହିଭଳି ମୁନିଋଷିଙ୍କୁ ଖୋଜିବା ଆରମ୍ଭ କଲି । ଅନ୍ୱେଷଣ ଭିତରେ ସେହିଭଳି କେତେକ ଅଦ୍‌ଭୁତ ଜ୍ଞାନଧାରୀ ଲୋକଙ୍କର ସନ୍ଧାନ ମିଳିଲା । ବାହ୍ୟଦୃଷ୍ଟିରୁ ସେମାନେ ସେହିଭଳି ଗୌରବାସ୍ପଦ ନ ଥିଲେ, କିନ୍ତୁ ସେମାନେ ନୂଆ ପ୍ରକାର ଜ୍ଞାନର ଅବତାରଣା କରୁଥିଲେ ଯାହାକି ଜୀବନ ପାଇଁ ଅତ୍ୟନ୍ତ ଉପଯୋଗୀ ବୋଲି ମୁଁ ଅନୁଭବ କରୁଥିଲି ।

ଏହିଭଳି ଲୋକଙ୍କର ସଂସ୍ପର୍ଶରେ ଆସି କିଛି ନୂଆ ଜ୍ଞାନର ସନ୍ଧାନ କରିବାପାଇଁ ପ୍ରାୟ ତିନିବର୍ଷ ଅତିବାହିତ କରିଅଛି । ଏହି ଲୋକମାନେ ଏଭଳି ଜୀବନ ବିତାଉଥିଲେ ଯାହାକି ମୋର ସନ୍ଦେହ ସୃଷ୍ଟି କରୁଥିଲା – ଯେ ଏମାନେ ବାହ୍ୟ ଜୀବନକୁ ଓ ଆଧ୍ୟାତ୍ମିକ ଜୀବନକୁ କିଭଳି ସନ୍ତୁଳିତ କରିବାରେ ସମର୍ଥ ହେଉଛନ୍ତି । ମୋର ସମସ୍ୟାକୁ ମୁଁ ସେମାନଙ୍କ ପାଖରେ ଉପସ୍ଥାପନ କଲି । ମୋର ସମସ୍ତ ବ୍ୟାବହାରିକଜ୍ଞାନଥିବା ସତ୍ତ୍ୱେ ଜୀବନ ଯୁଦ୍ଧରେ ହାରିଯିବାର ଅବଶ୍ୟମ୍ଭାବିତାକୁ ମୁଁ ଅନୁଭବ କରୁଥିଲି । ସେମାନେ ଜୀବନର ଭିନ୍ନ ଏକ ଦିଗକୁ ଆବିଷ୍କାର କରିବାପାଇଁ ମୋତେ ଉପଦେଶ ଓ ପ୍ରେରଣା ଦେଲେ । କିନ୍ତୁ ଏହି ଦିଗରେ ଆଗେଇବା ପାଇଁ ଜଣେ ମାର୍ଗଦର୍ଶକ ଦରକାର ବୋଲି ମଧ୍ୟ ସେମାନେ କହିଥିଲେ । ସେପରି ଏକ ଲୋକକୁ ଖୋଜିବା ଏବଂ ପାଇବା ଅବସ୍ଥାରେ ମୁଁ ନଥିଲି । ତଥାପି ମୋର ଅନ୍ୱେଷଣ ଅବ୍ୟାହତ ରହିଲା ।

ଗୋଟିଏ ନୁହେଁ ମୁଁ କେତେଜଣ ଅଧ୍ୟାତ୍ମପୁରୁଷଙ୍କର ସନ୍ଧାନ ପାଇଲି । ଯେଉଁମାନେ ବିଭିନ୍ନ ଶୁଦ୍ଧ ବିଦ୍ୟାର ଅଧିକାରୀ ଥିଲେ ।

## ୨. ଦୀକ୍ଷା

ଜଣେ ସଂସ୍କୃତଜ୍ଞ ହୋଇଥିବାରୁ ବିଭିନ୍ନ ଶାସ୍ତ୍ରମାର୍ଗରେ ଜୀବନ ବିତାଉଥିବାବେଳେ ଯୋଗ ଓ ତନ୍ତ୍ରର କେତେକ ନିର୍ଦ୍ଦିଷ୍ଟ ପ୍ରୟୋଗକୁ ଜୀବନର ପ୍ରଗତି ପଥରେ ଲଗେଇବା

ପାଇଁ ମୁଁ ପ୍ରୟାସ କରୁଥିଲି । ଶାସ୍ତ୍ରର ସୀମା ଅନୁଭବ କରୁଥିବା ହେତୁରୁ ସେ ପ୍ରୟୋଗ ଗୁଡିକର ସଫଳ ରୂପାୟନ ହୋଇପାରୁନଥିଲା ।

ଅଧ୍ୟାତ୍ମ ଜୀବନ ଏକ ଅର୍ନ୍ତମୁଖୀ ଜୀବନ । ଏହି ଜୀବନକୁ ଆଗେଇବା ପାଇଁ ଶାସ୍ତ୍ରରେ ବହୁ ବିଧିବିଧାନ ରହିଅଛି । ଅଧ୍ୟାତ୍ମ ପୁରୁଷମାନଙ୍କର ପରାମର୍ଶ ଥିଲା ଯେ ଏ ଦିଗରେ ଆଗେଇବାକୁ ହେଲେ କୌଣସି ବ୍ରହ୍ମନିଷ୍ଠ ଗୁରୁଙ୍କର ଠାରୁ ଦୀକ୍ଷାନେବା ଆବଶ୍ୟକ ।

ଜୀବନରେ ଚାରୋଟି ପୁରୁଷାର୍ଥକୁ ଉପଲବ୍ଧି କରିବାର କଥା ଶାସ୍ତ୍ରରେ କୁହାଯାଇଅଛି । ଯଥା ଧର୍ମ, ଅର୍ଥ, କାମ ଓ ମୋକ୍ଷ । ଧର୍ମ ଓ ଅର୍ଥ ସିଦ୍ଧିପାଇଁ ଶିକ୍ଷାର ଆବଶ୍ୟକତା ଯଥେଷ୍ଟ ରହିଅଛି । ଏଥିରେ ଦୀକ୍ଷାର ଗୁରୁତ୍ୱ ଅନୁଭୂତ ହୁଏନାହିଁ । କେବଳ ଏହି ଦୁଇଟି ସିଦ୍ଧିର ପ୍ରତିବନ୍ଧକ ହଟେଇବା ପାଇଁ ଅଧ୍ୟାତ୍ମପୁରୁଷମାନଙ୍କର ଆଶ୍ରୟ ନିଆଯାଏ । କିନ୍ତୁ ତୃତୀୟପୁରୁଷାର୍ଥସିଦ୍ଧିପାଇଁ ମନୁଷ୍ୟ ପାଖରେ ସେଭଳି ଶିକ୍ଷା ନଥାଏ । ମନୁଷ୍ୟ କେବଳ ତୃତୀୟପୁରୁଷାର୍ଥର କିଛି ଅଂଶକୁ ସ୍ପର୍ଶକରି ନିଜକୁ କୃତାର୍ଥ ମନେକରିଥାଏ । ଏହା ସାଂସାରିକ ଜୀବନର ଭିନ୍ନ ଏକ ଦିଗକୁ ମନୁଷ୍ୟକୁ ଟାଣିଥାଏ । କିନ୍ତୁ ପ୍ରକୃତରେ ଉପଯୁକ୍ତ ଜ୍ଞାନ ନ ଥିଲେ, ମନୁଷ୍ୟ ଏହିଠାରେ ରହିଯାଏ । ଧର୍ମ ଓ ଅର୍ଥ ସିଦ୍ଧି ଭିତରେ ନିଜକୁ ବିବଶ କରିଦେଇଥାଏ । ଏସବୁକୁ ଅନୁଭବ କରିବାପରେ

ମୁଁ କିଛି "ଶୁଦ୍ଧ ବିଦ୍ୟାର" ଦୀକ୍ଷା ନେବାପାଇଁ ସ୍ଥିର କଲି ।

ମୋ ଦୀକ୍ଷାଗୁରୁରୂପେ ସ୍ୱାମୀ କୃଷ୍ଣାନନ୍ଦ, ସ୍ୱାମୀ ରସାନନ୍ଦ, ଅଚ୍ୟୁତାନନ୍ଦଙ୍କ g ǐ^ ýù_ ǘ[ ê @û ~ ǰ e a ô ûe ûd Y, **ମହାପୁରୁଷ ମାଧବ** ପ୍ରଭୃତିଙ୍କୁ ମୁଁ ସ୍ମରଣ କରୁଛି । ଏହି ଅଧ୍ୟାତ୍ମ ପୁରୁଷମାନେ ବିଭିନ୍ନ ପ୍ରକାର ଦୀକ୍ଷା ମାଧ୍ୟମରେ ମୋତେ "ଶୁଦ୍ଧ ବିଦ୍ୟାର" ସନ୍ଧାନ ଦେଇଥିଲେ । ଯାହାଫଳରେ ମୁଁ ଉଚ୍ଚତରଜ୍ଞାନ (ଯାହାକି ଶାସ୍ତ୍ର ଭିତରେ ନାହିଁ) ଯଥା – ଦିବ୍ୟ ଶୃଙ୍ଗାର ଓ ମାତୃପ୍ରସ୍ଥାନର ରହସ୍ୟ ତଥା ଅନ୍ୟାନ୍ୟ ଶାସ୍ତ୍ରର ରହସ୍ୟ ବୁଝିବାକୁ ସମର୍ଥ ହୋଇଥିଲି ।

## ୩. ଲୋକୋତ୍ତର ଜ୍ଞାନ

ବିଭିନ୍ନ "ଶୁଦ୍ଧ ବିଦ୍ୟାର" ପ୍ରୟୋଗାତ୍ମକ ଅଭ୍ୟାସ ସମୟରେ ମୋଭିତରେ ଅଦ୍ଭୁତ ପ୍ରକାର ଜ୍ଞାନର ସ୍ଫୁରଣା ହେଲା । ମୁଁ ଧ୍ୟାନରେ ବସିରହି ଆତ୍ମଜ୍ୟୋତି ମାଧ୍ୟମରେ ବିଭିନ୍ନ ଦେବାଦେବୀଙ୍କ ଦର୍ଶନ ସହିତ ଜ୍ୟୋତି ସ୍ୱରୂପ ଭଗବାନଙ୍କୁ ମଧ୍ୟ ଦର୍ଶନ କଲି । ଯାହା ଫଳରେ ଏ ଦିଗରେ ବଢିବାପାଇଁ ମୋର ଉତ୍ସୁକତା ବଢିଗଲା । କିନ୍ତୁ ମନଭିତରେ ସନ୍ଦେହର ଅବସାନ ଘଟୁନଥାଏ । ତଥାପି ଧ୍ୟାନଜ ଦର୍ଶନ ମାଧ୍ୟମରେ ମୁଁ ମୋ ଉପାସନାକୁ ଜାରି ରଖିଲି । ଫଳରେ ଅନେକସିଦ୍ଧିର ଆଭାସ ମିଳିଲା, ଯଥା–ଦୈବଜ୍ଞଦଶାର ଅଭ୍ୟୁଦୟ (ବାକ୍‌ସିଦ୍ଧି), ବିଭିନ୍ନ ବିଧି ବିଧାନର ସିଦ୍ଧି, ମୁହୂର୍ତ୍ତ ଜ୍ଞାନ ଇତ୍ୟାଦି । ଏହିଭଳି ସିଦ୍ଧି

ଭିତରେ ନିଜକୁ ଆବଦ୍ଧ ରଖି କିଛି କର୍ମ କରିମଧ୍ୟ ମୁଁ ନିଜକୁ ସନ୍ତୁଷ୍ଟ କରିପାରୁନଥିଲି । ଜନ୍ମ ଓ ମୃତ୍ୟୁର ରହସ୍ୟ ଏବଂ ଆତ୍ମଜ୍ଞାନର ରହସ୍ୟକୁ ବୁଝିବା ପାଇଁ ମୁଁ ସେହି ଲୋକମାନଙ୍କ ପାଖକୁ ବାରମ୍ବାର ଯାଉଥିଲି । ସେମାନେ ଉପଦେଶ ଦେଲେ ଯେ – ଯେଉଁ ଭଗବାନ ରୂପୀ ଗୁରୁଙ୍କୁ ଆପଣ ଧ୍ୟାନରେ ଦର୍ଶନ କରୁଛନ୍ତି ତାଙ୍କୁ ହିଁ ପ୍ରାର୍ଥନା କରନ୍ତୁ ସେ ଏସବୁ ରହସ୍ୟକୁ ବୁଝାଇଦେବେ ।

ବହୁ ଅସୁବିଧା ସତ୍ତ୍ୱେ ପାରିବାରିକ ଓ କର୍ମମୟ ଜୀବନର ଭାରସମ୍ୟ ରକ୍ଷାକରି ଭଗବାନ ରୂପୀ ଗୁରୁଙ୍କ ଠାରୁ କିଛି ବୁଝିବା ପାଇଁ ନିରନ୍ତର ଚେଷ୍ଟା କରୁଥିଲି ।

## ୪. ଆରୋହ

ମୋର ଉପାସନା ଭିତରେ କୁଣ୍ଡଳିନୀର ଅଦ୍‌ଭୁତ ସ୍ଫୁରଣାକୁ ମୁଁ ଅନୁଭବ କରୁଥିଲି । ଏହି ଅବସ୍ଥାରେ "ଶୁଦ୍ଧ ବିଦ୍ୟାର" ଅନେକ ପରୀକ୍ଷା ନିରୀକ୍ଷା ମୁଁ କରୁଥିଲି । ସମୟକ୍ରମେ କୁଣ୍ଡଳିନୀର ଉତ୍‌ଥାନ ଦଶାକୁ ମୁଁ ଅନୁଭବ କଲି । ଏହି ଅବସ୍ଥାରେ ମୂଳାଧାରର ଅଦ୍‌ଭୁତ ପ୍ରକାରର ଉର୍ଜାକୁ ସମ୍ଭାଳିବା ମୋ ପାଇଁ କଷ୍ଟକର ଥିଲା ।

ଏହି ସମୟରେ ମୋତେ ଠିକ୍ ୪୫ ବର୍ଷ ହୋଇଥାଏ । ମୁଁ ଭାବୁଥିଲି କୌଣସି ରୋଗ ମୋତେ ଆକ୍ରମଣ କରୁଛି । ତେଣୁ ମନେ ମନେ ମୁଁ ଚିକିତ୍ସାପାଇଁ ପ୍ରସ୍ତୁତ ହେଉଥିଲି । ଏହି ଉର୍ଜାର ପ୍ରଭାବ ଦିନକୁ ଦିନ ବଢିଚାଲୁଥାଏ । ମୁଁ ଅନୁଭବ କରୁଥିଲି

ଯେ, ମୁଁ ଅବଶ୍ୟମ୍ଭାବୀ ମୃତ୍ୟୁପଥରେ ଆଗଉଛି । ଅତି ଦୁଃଖ ଓ ଅଥୟ ଅବସ୍ଥା ମୋର ସୃଷ୍ଟି ହେଉଥିଲା । ତଥାପି ଏ ଅବସ୍ଥାକୁ ବୁଝିବାପାଇଁ ଭଗବାନଙ୍କୁ ପ୍ରାର୍ଥନା କରୁଥିଲି । କୌଣସି ଉତ୍ତର ପାଉନଥିଲି । ଦିନେ ଧ୍ୟାନ କରୁଥିବା ଅବସ୍ଥାରେ ମୁଁ ଶୁଣିବାକୁ ପାଇଲି- ଜ୍ୟୋତି ସ୍ୱରୂପରେ ଅବସ୍ଥାନ କରୁଥିବା ପରମପୁରୁଷ ମୋତେ କହୁଛନ୍ତି "ମୁଁ ତୋର ଗୁରୁ" ତୁ ଧୌର୍ଯ୍ୟ ରଖ ଏ ଅବସ୍ଥାର ସମାଧାନ ଘଟିବ । ସେହି ଦିନଠାରୁ "ଦୂରଶ୍ରୁତି" (ଦୂରରୁ ଶୁଣିପାରିବା) ନାମକ ସିଦ୍ଧି ମୁଁ ପାଇଥିଲି । ଫଳରେ ଯେକୌଣସି ଆଧ୍ୟାତ୍ମିକ ସମାଧାନ ପାଇଁ ପରମପୁରୁଷଙ୍କ ସହିତ ଧ୍ୟାନରେ କଥାବାର୍ତ୍ତା ହେବାର କୌଶଳ ମୁଁ ଶିଖିଥିଲି ।

ଧ୍ୟାନରୁ ଫେରି ଆସିଲାପରେ ଯେତେବେଳେ ସାଧାରଣ ମଣିଷ ହୋଇଥାଏ ସେତେବେଳେ ମୋ ମନରେ ସନ୍ଦେହ ଉଠେ ଯେ ମୁଁ ତ ଜଣେ ସାଂସାରିକ ମଣିଷ, ପରମପୁରୁଷ ମୋତେ ସାଂସାରିକ କଥା ନ କହି କାହିଁକି ଅଧ୍ୟାତ୍ମିକ କଥା କହୁଛନ୍ତି । ଅଧ୍ୟାତ୍ମଦିଗରେ ଆଗେଇବା ଫଳରେ ମୋର ବ୍ୟାବହାରିକ ଜୀବନଟା ଯେ ନିଶ୍ଚିତ ବ୍ୟପର୍ଯ୍ୟସ୍ତ ହୋଇଯିବ ଏହି କଥା ଭାବି ମନ ମୋର ମଉଳି ଯାଉଥାଏ । କିନ୍ତୁ ଏ ମଉଳା ମନକୁ ପୁଣି ସେହି ପରମପୁରୁଷଙ୍କ ନିକଟରେ ସମର୍ପଣ କରିଦିଏ ।

ନିତ୍ୟନୈମିତ୍ତିକକର୍ମପ୍ରବାହ ଭିତରେ ନିଜକୁ ଆଗେଇବା ଉଦ୍ଦେଶ୍ୟରେ ବିଭିନ୍ନ

ବାହ୍ୟ କର୍ମକୁ ମୁଁ ଜାରିରଖିଥାଏ । କିନ୍ତୁ କର୍ମର ସଫଳତା ହେଉ କିମ୍ବା ବିଫଳତା ହେଉ ମୋର ଅର୍ନ୍ତମନରେ ପ୍ରଭାବ ପକାଇ ପାରୁନଥାଏ । କାରଣ କର୍ମ ସରିଲାପରେ ପୁଣି ଜିଜ୍ଞାସୁ ହୋଇ ମୁଁ ଧ୍ୟାନରେ ମଜ୍ଜିରହେ । ବେଳେବେଳେ ଅପୂର୍ବ ଆନନ୍ଦ ପାଏ ଯାହାକି ମୋତେ "ଜଡ଼ ସମାଧି" ଆଡ଼କୁ ଟାଣିନିଏ । ପୁଣି କେତେବେଳେ "ସବିକଳ୍ପକ ସମାଧି" ଭିତରେ ରହି ପରମପୁରୁଷଙ୍କ ଠାରୁ ଅପୂର୍ବଜ୍ଞାନର କଥା ସବୁ ଶୁଣେ । କେତେବେଳେ "ନିର୍ବିକଳ୍ପ' ସମାଧି ଭିତରେ ସମ୍ପୂର୍ଣ୍ଣ ସ୍ଥିର ହୋଇଯାଏ ଶୂନ୍ୟ ରୂପ ନେଇ ।

ପ୍ରତ୍ୟେକ ମନୁଷ୍ୟ ତାର ଚେତନା ମାଧ୍ୟମରେ ମୂଳାଧାରରେ ରହି ଗତାନୁଗତିକ କର୍ମକରି କଷ୍ଟ ଓ ଦୁଃଖ ଅନୁଭବ କରେ । ଯେତେବେଳେ ସେ ଚେତନା ମାଧ୍ୟମରେ ସତ୍ତ୍ୱଭାବାପନ୍ନ ହୋଇ ସ୍ୱାଧିଷ୍ଠାନ କ୍ଷେତ୍ରରେ ଅବସ୍ଥାନ କରେ ସେତେବେଳ ସେ ବହୁ ଆନନ୍ଦ ଅନୁଭବ କରେ । କିନ୍ତୁ ସମୟର ପରିବର୍ତ୍ତନୀୟ ଧାରାରେ ରହିଥିବା ହେତୁ c k ŋ ûe a ýZ úZ @^ ýù K øY i ò@ûº ûc ß P K âe (ENGERGY CENTER) ରେ ରହିବା ତାପକ୍ଷରେ ସମ୍ଭବପର ନୁହେଁ । ଏହି ବିଷୟକୁ କୁଣ୍ଡଳିନୀର ଉତ୍‌ଥାନ ଦଶାରେ ମୁଁ ଅନୁଭବ କରୁଥିଲି । ଜଣେ ସାଧାରଣ ମନୁଷ୍ୟ ସମୟଧାରାରେ ମୂଳାଧାର, ସ୍ୱାଧିଷ୍ଠାନ ଓ ମଣିପୁର ବା ତୃତୀୟ ଚକ୍ରକୁ ସ୍ପର୍ଶକରେ । ଏହି ତିନୋଟି ଚକ୍ରର ଅନୁଭବ

ସାଧାରଣତଃ ହୋଇଥାଏ । ମଣିପୁର ଚକ୍ରଟି ଅଗ୍ନିକ୍ଷେତ୍ର ହୋଇଥିବା ହେତୁରୁ ମଣିଷ ଏହାକୁ ସ୍ପର୍ଶକଲେ ରାଗ, ଦ୍ୱେଷ, ଇର୍ଷ୍ୟା ଓ ଅସୂୟାର ଶିକାର ହୁଏ । ଏହି ଚକ୍ରକୁ ଅତିକ୍ରମ କରିବା ପ୍ରକୃତ ଅଧ୍ୟାତ୍ମଜୀବନର ଲକ୍ଷ୍ୟ । କୁଣ୍ଡଳିନୀର ଉତ୍‌ଥାନ ଦଶାରେ ଶୁଦ୍ଧବିଦ୍ୟା ମାଧ୍ୟମରେ ମୁଁ ଯେତେବେଳେ ସ୍ୱାଧିଷ୍ଠାନରେ ଅବସ୍ଥାନ କରୁଥାଏ ସେତେବେଳେ ଅପୂର୍ବ ଆନନ୍ଦ ପାଉଥାଏ । କିନ୍ତୁ ଯେହେତୁ ଏହା ଏକ ପତନ ଧର୍ମୀଚକ୍ର ଏ ଆନନ୍ଦ ବହୁ ସମୟ ରହେନାହିଁ । ଯେତେବେଳେ ଶୁଦ୍ଧବିଦ୍ୟାର ଆଶ୍ରୟ ନେଇ ପୁଣି ମଣିପୁରଚକ୍ରକୁ ଚେତନାମାଧ୍ୟମରେ ଯିବାପାଇଁ ଚେଷ୍ଟାକରେ ସେତେବେଳେ ମୋତେ ବହୁତ ଦୁଃଖ, କଷ୍ଟ ଓ ଅପମାନ ସହିବାକୁ ପଡେ । ତଥାପି ଈଶ୍ୱରଙ୍କୁ ନିରନ୍ତର ଧ୍ୟାନରେ ରଖି ମୁଁ ନିମଗ୍ନ ରହେ । ଦିନେ ହଠାତ୍ ଏହି ନାଭି ବା "ମଣିପୁର" କ୍ଷେତ୍ରକୁ ଧ୍ୟାନ କରିବା ସମୟରେ କିଛି ମୃତ୍ୟୁର ରହସ୍ୟକୁ ମୁଁ ଅନୁଭବ କରୁଥିଲି । ଏହି କ୍ଷେତ୍ରରେ ପ୍ରକୃତ ମନୁଷ୍ୟର ମୃତ୍ୟୁ ଘଟିଥାଏ । ଏହାକୁ ଅତିକ୍ରମ କରିବା ସମ୍ଭବପର ନୁହେଁ ବୋଲି ଭାବି ନିଜକୁ ଅଧ୍ୟାତ୍ମ ସାଧନାରୁ ବିରତ ହେବାପାଇଁ ମୁଁ ସ୍ଥିରକଲି । ସମସ୍ତ ପୂଜାଉପାସନା ପରିତ୍ୟାଗ କଲି । ଏସବୁ ସତ୍ତ୍ୱେ ମୋ ଭିତରେ ଏକ ମୂର୍ଚ୍ଛା ଅବସ୍ଥା ସୃଷ୍ଟି ହେଉଥିଲା । ମୁଁ ଭାବୁଥିଲି ଯେ ସଂସାରରେ ମୁଁ ବେଶିଦିନ ରହିପାରିବି ନାହିଁ । କାରଣ ଧୀରେ ଧୀରେ ମୋର ଜ୍ଞାନ ଲୋପପାଇ ଆସୁଥିଲା । ମୋର ଲେଖା ବନ୍ଦ ହୋଇଆସୁଥିଲା ।

ସମସ୍ତ ଚିନ୍ତା ଶକ୍ତି ମଧ୍ୟ ଲୋପପାଇ ଆସୁଥିଲା । ଏସବୁ ଅନୁଭବ କରି ମୁଁ ଭିତରେ ଯେତିକି ବିକ୍ଷୁବ୍ଧ ହେଉଥିଲି ସେତିକି ମଧ୍ୟ କାନ୍ଦୁଥିଲି ଓ ଭଗବାନରୂପୀ ଗୁରୁଙ୍କୁ ମଧ୍ୟ ଧିକ୍କାର କରୁଥିଲି ।

ସମୟ କ୍ରମେ ହଠାତ୍ ଦିନେ ଶୋଇବା ଅବସ୍ଥାରେ ନିଜର ମୃତ୍ୟୁ କଥା ଭାବି ଭାବି ମୁଁ ପିଲାପରି କାନ୍ଦି ଉଠିଲି । ଏ କାନ୍ଦିବା ମୋର ନିରନ୍ତର ଥିଲା ଦୀର୍ଘଦୁଇଦିନଧରି । ତାପରେ ଧୀରେଧୀରେ ମୁଁ ସ୍ଥିର ହେଲି । ଗୁରୁ ରୂପୀ ପରମପୁରୁଷ ପୁଣି ମୋତେ ଦେଖାଦେଲେ ଏବଂ ସେହି ଧ୍ୟାନ ଅବସ୍ଥାକୁ ମୋତେ ନେଇଗଲେ ଏବଂ କହିଲେ ଏହାତୋର ପୁନର୍ଜନ୍ମ । ତୁ ବର୍ତ୍ତମାନ ମଣିପୁର ଚକ୍ର ଭେଦକରି ଅନାହତ ଚକ୍ରରେ ଅବସ୍ଥାନ କରୁଛୁ । ଅନାହତ ଚକ୍ର (ହୃଦୟଚକ୍ରରେ) ଅବସ୍ଥାନ କଲାବେଳେ ପିଲାଭଳି ନିରନ୍ତର କାନ୍ଦିବା ଅବସ୍ଥା ମୋର ଲାଗିରହିଲା । ମୁଁ ଉପାୟ ଶୂନ୍ୟ ହେବାର ଅନୁଭବ କରୁଥିଲି ।

ଏହିପରି କିଛିଦିନ ଅତିବାହିତ କଲାପରେ ଧୀରେଧୀରେ ସ୍ଥିର ହେଲି । କିନ୍ତୁ ମୋର ହୃଦୟ ସବୁବେଳେ ଦ୍ରବୀଭୂତ ହୋଇ ରହିଥାଏ । ଏହି ସମୟରେ ମୁଁ ପୁଣି ଧ୍ୟାନରେ ବସିବାକୁ ଲାଗିଲି । ମୋର ପୁଣି ଜ୍ଞାନ ଉଦୟ ହେଲା । ଯାହାଦ୍ୱାରା ଭକ୍ତିର ରହସ୍ୟ ମୁଁ ବୁଝି ପାରିଲି । ସେତେବେଳକୁ ମୁଁ ଅନୁଭବ କରୁଥାଏ ପରମପୁରୁଷ

ବ୍ୟତୀତ ସଂସାରରେ ସେପରି ମୋର କେହି ଆତ୍ମୀୟ ନାହାଁନ୍ତି । ଅତ୍ୟନ୍ତ ଆତ୍ମୀୟ ଭାବାପନ୍ନ ହୋଇ ମୁଁ ନିରନ୍ତର କାନ୍ଦୁଥିଲି । ଏବଂ ତାଙ୍କୁ ହିଁ ଝୁରି ହେଉଥିଲି । ଏହି ଅବସ୍ଥାରେ ଦିନେ ସେ ମୋତେ ବୁଝାଇଦେଲେ ଯେ ଏହା "ଭାବସିଦ୍ଧିର" ସ୍ୱରୂପ । ଏହି "ଭାବସିଦ୍ଧିର" ବିକାଶ ହେଲେ ମନୁଷ୍ୟ ଦିବ୍ୟପ୍ରେମର ଅଧିକାରୀ ହୁଏ । "ଭାବସିଦ୍ଧି" ପାଇଲାପରେ ସଂସାରକ୍ଷେତ୍ରରେ ଅନ୍ୟାନ୍ୟ ସିଦ୍ଧି ମୋତେ ତୁଚ୍ଛ ଲାଗିଲା । କିନ୍ତୁ ଏହି ଅବସ୍ଥାରେ ମୁଁ ବେଶିଦିନ ରହିପାରିଲି ନାହିଁ । ହଠାତ୍ ମୋର ପରିବର୍ତ୍ତନ ଘଟିଲା ।

ଏହି ପରିବର୍ତ୍ତନ ବିଶେଷତଃ ମୋ ଭାଷାରୁ ଦେଖାଗଲା । ବିଭିନ୍ନ ପ୍ରାଚୀନ ଭାଷା, ବିଭିନ୍ନ ପ୍ରକାରର ପଦ୍ୟାବଳୀ ଏକ ଭିନ୍ନରୂପ ନେଇ ମୋ କଥାରେ ପ୍ରକାଶ ପାଇଲା । ସାଧାରଣ କଥାରେ ମଧ୍ୟ ଏଭଳି କଥାମାନ ଦେଖାଗଲା ଯାହାକି ବ୍ୟବହାର କ୍ଷେତ୍ରରେ ବହୁ ଅସୁବିଧା ସୃଷ୍ଟିକଲା । କାରଣ ଏହି ଭାଷା ଗୁଡିକ ବିଶେଷଭାବେ ସାଧୁସନ୍ଥମାନଙ୍କର "ଠାର" ବା ସାଂକେତିକ ଭାଷା ଥିଲା । ମୋତେ ଭାଷା ବ୍ୟବହାରରେ ବହୁ ସଂଯମତା ଅବଲମ୍ବନ କରି ନୀରବ ରହିବାକୁ ପଡ଼ିଲା । ମୁଁ ପୁଣି ଧ୍ୟାନସ୍ଥ ଅବସ୍ଥାରେ ରହିଲି । ଭଗବାନ ରୂପୀ ଗୁରୁ ଜ୍ୟୋତିରୂପରେ ଆବିର୍ଭୂତ ହୋଇ ବୁଝାଇ କହିଲେ ଯେ ବର୍ତ୍ତମାନ ତୁ "ବିଶୁଦ୍ଧ ଚକ୍ର"ରେ ଅବସ୍ଥାନ କରିଥିବା ହେତୁରୁ ତୋର "ବାକ୍" ଇନ୍ଦ୍ରିୟ

ଉନ୍ମୁକ୍ତ ହୋଇଛି । ଫଳରେ ଏସବୁ ଜିନିଷ ଘଟୁଛି । କିଛିଦିନ ଗଲାପରେ ଏ ଅବସ୍ଥା ମୋର ଲୋପ ପାଇଗଲା । ମୁଁ କିନ୍ତୁ ନିଜକୁ ସ୍ଥିର ରଖିବାପାଇଁ ବହୁ ସମୟରେ ଧ୍ୟାନରେ ନିମଗ୍ନ ରହୁଥିଲି ।

ଶୋଇଥିବା ଅବସ୍ଥାରେ ବିଭିନ୍ନ ପ୍ରକାରର ସ୍ୱପ୍ନ ଦେଖେ । ଅନେକ ସମୟରେ ଗଭୀର ନିଦ୍ରାରେ ସୁଷୁପ୍ତିର ଅନୁଭବ କରେ । କିନ୍ତୁ ଦିନେ ଅନୁଭବ କଲି ଯେ ମୋ ସ୍ୱପ୍ନ ରହୁନାହିଁ କି ସୁଷୁପ୍ତି ରହୁନାହିଁ । ମୁଁ ଶୋଇବା ଅବସ୍ଥାରେ ଯାହା ଦେଖୁଅଛି ତାହା ତାପର ଦିନ ସଂସାରରେ ଘଟୁଅଛି । ଏଭଳି ଅବସ୍ଥା କ୍ରମଶଃ ଲାଗିରହିଲା । ଭଗବାନ ରୂପୀ ଗୁରୁଙ୍କୁ ଆଉ ମୁଁ ଦେଖିବାକୁ ସମର୍ଥ ହେଲିନି । ଧ୍ୟାନ ଅବସ୍ଥାରେ ଏବଂ ଶୋଇବା ଅବସ୍ଥାରେ ମୁଁ ଯାହା ଦେଖୁଥିଲି । ତାହା ପରଦିନ କିମ୍ବା ଆଗାମୀ ସମୟରେ ଘଟୁଥିଲା । ଏପରି ଘଟଣା ମାନ କ୍ରମଶଃ ଘଟିଲା । ମୋର ସ୍ୱପ୍ନ ବୋଲି କିଛି ରହିଲା ନାହିଁ । ଯାହା ଦେଖୁଥିଲି ଧ୍ୟାନରେ, ଯାହା ଦେଖୁଥିଲି ନିଦ୍ରାରେ ତାହା ସତ୍ୟ ଘଟଣାର ରୂପ ନେଉଥିଲା । ଫଳରେ ଯାହା ମୁଁ ଦେଖିବାକୁ ଇଚ୍ଛାକରେ ତାହାସବୁ ସଂକ୍ଷିପ୍ତ ଆକାରରେ ମୋ ଜ୍ଞାନରେ ଉପସ୍ଥିତ ହୋଇଯାଏ । ମୁଁ ଅନୁଭବ କଲି ଯେ, ମୁଁ ଆଜ୍ଞାଚକ୍ରରେ ଅବସ୍ଥାନ କରୁଥିବାହେତୁ "ଆଲୋକିତପ୍ରଜ୍ଞା" ଦ୍ୱାରା ବର୍ତ୍ତମାନ ଓ ଆଗାମୀ ସତ୍ୟଘଟଣାମାନଙ୍କୁ ଜାଣିପାରୁଛି । ଏହା ନିତ୍ୟ ନୈମିତ୍ତିକ କର୍ମରେ ମୋତେ ବହୁତ ସାହାଯ୍ୟ କରେ କିନ୍ତୁ ଏଥିରେ ମୁଁ ତୃପ୍ତ

ହୋଇପାରୁ ନ ଥିଲି । ସେତେବେଳେ ମୋର ଜିଜ୍ଞାସୁ ମନୋଭାବ ମଧ୍ୟ କମିଯାଇଥିଲା । ମୁଁ ଭାବୁଥିଲି ଏହିଠାରେ ଜ୍ଞାନର ପରିସମାପ୍ତି ଘଟୁଅଛି । କିନ୍ତୁ ପ୍ରାର୍ଥନା ମୋର ଅବ୍ୟାହତ ହୋଇରହୁଥିଲା । ଦିନେ ଏସବୁ ଶକ୍ତିକୁ ଭୁଲି ଆତ୍ମତୃପ୍ତିରେ ଶୋଇବାକୁ ଚାହୁଁଥିଲି । ଶୋଇବା ଅବସ୍ଥା ପରମପୁରୁଷଙ୍କ ନିକଟରେ ଚେତନାର ବିଶ୍ରାମ ନେବା ଅବସ୍ଥା । ତେଣୁ କୌଣସି ଅଭିଳାଷ ନ ରଖି ସାଧାରଣ ଭାବ ଧରି ମୁଁ ରହିବାକୁ ଚାହୁଁଥିଲି । କିନ୍ତୁ ମୋ ଭିତରେ କୁଣ୍ଡଳିନୀର ଉର୍ଜା ନିରନ୍ତର ଉର୍ଦ୍ଧ୍ୱମୁଖୀ ହୋଇ ପ୍ରବାହିତ ହେଉଥାଏ ଯାହା ମୋତେ ଅଥୟ କରୁଥାଏ । ଦିନେ ମୁଁ ଅନୁଭବ କଲି ଏହି ଉର୍ଜା ଉପର ଆଡକୁ ଗତିକରି ଆଜ୍ଞାଚକ୍ରର ସମସ୍ତ ଦୃଶ୍ୟକୁ ଲିଭାଇ ଦେଉଛି । ଏଭଳି ଘଟଣାମାନ ସୃଷ୍ଟି ହୁଏ ଏବଂ ଲିଭିଯାଏ ।

କିଛିଦିନ ପରେ ମୋ ଦେହରେ ଅଦ୍‌ଭୁତ ପ୍ରକାରର କମ୍ପନ ସୃଷ୍ଟି ହେଲା । କୁଣ୍ଡଳିନୀର ଉର୍ଜା ମୋତେ ନିରନ୍ତର ଅଥୟ କଲା । ସମସ୍ତ ପ୍ରକାରର ଜ୍ଞାନ ଓ ଭକ୍ତିର ଧାରା ଲିଭିବାକୁ ଲାଗିଲା । ଦେହ ଓ ଚେତନା ଏକାଠି ହୋଇଯିବାର ମୁଁ ଅନୁଭବ କରୁଥିଲି । ଭାବୁଥିଲି ବୋଧହୁଏ ଏହା ମୋର ଶେଷ ସମୟ । ବହୁ ଅବସାଦ ଭିତରେ ଦିନ ବତାଉଥିବା ବେଳେ ଦିନେ ମୁଁ ଅନୁଭବ କଲି ମୋର ନିଃଶ୍ୱାସ ପ୍ରଶ୍ୱାସ ବନ୍ଦ ହୋଇଯାଉଅଛି । ଦୀର୍ଘ ସମୟ ଧରି ଏଭଳି ସ୍ଥିତିକୁ ମୁଁ ଅନୁଭବ କରୁଥାଏ ।

ହଠାତ୍ କୁଣ୍ଡଳିନୀର ଊର୍ଜା ମୋର ମସ୍ତିଷ୍କକୁ ସ୍ପର୍ଶ କରିବାର ମୁଁ ଅନୁଭବ କଲି । ଯାହାକି ମୋତେ ଅପୂର୍ବ ଆନନ୍ଦ ଦେଲା । ମୋର ନିଃଶ୍ୱାସ ପ୍ରଶ୍ୱାସ ବନ୍ଦ ହେଉଥିଲେ ମଧ୍ୟ ମେରୁଦଣ୍ଡର ମଧ୍ୟଭାଗରେ ଥିବା "ସୁଷୁମ୍ନାନାଡୀ" ବା ସ୍ନାୟୁ ମଧ୍ୟ ଦେଇ ସୂକ୍ଷ୍ମବାୟୁ ପ୍ରବାହିତ ହେଉଥିବାର ମୁଁ ଲକ୍ଷ୍ୟ କଲି । ମୂଳାଧାରରୁ ସୂକ୍ଷ୍ମଊର୍ଜା ସୂକ୍ଷ୍ମବାୟୁ ରୂପ ନେଇ ପ୍ରବାହିତ ହୋଇ ନିରନ୍ତର ମସ୍ତିଷ୍କ ଶୀର୍ଷରେ ଥିବା ସହସ୍ରାର ଚକ୍ରକୁ ସ୍ପର୍ଶ କରୁଅଛି । ଯାହାକୁ ମୁଁ ସ୍ପଷ୍ଟଭାବେ ଅନୁଭବ କରୁଥିଲି । ଏହା କୁଣ୍ଡଳିନୀର ମିଳନ ଦଶା । କିନ୍ତୁ ଏହି ଅବସ୍ଥାରେ ରହିବା ଏବଂ ବ୍ୟାବହାରିକ ଜୀବନର ଭାରସାମ୍ୟ ରଖିବା ସହଜ କଥା ନଥିଲା । ମୁଁ ଭିତରେ ଆନନ୍ଦ ପାଉଥିଲେ ମଧ୍ୟ ମୋର ସମସ୍ତ ଜ୍ଞାନ ଲୋପ ପାଇଯାଇଥିବାରୁ ଏହା ଏକ ଉନ୍ମାଦ ଅବସ୍ଥା ସୃଷ୍ଟିକଲା । ବାହ୍ୟଦୃଷ୍ଟିରୁ ଏହା ଏକ ଭଲ ଅବସ୍ଥା ନଥିଲା । ଦୀର୍ଘ ଦିନ ଧରି ଏହି ଅବସ୍ଥା ଲାଗି ରହିଲା । ସାଧାରଣ ମନୁଷ୍ୟଙ୍କର ମୂଳାଧାରରେ ଶକ୍ତିଥାଏ । କିନ୍ତୁ ମୋର ଏହି ଶକ୍ତି ସହସ୍ରାରକୁ ଚାଲିଯିବା ଫଳରେ ମୁଁ ନିଜକୁ ବହୁ ନିଃସହାୟ ଅନୁଭବ କଲି । ଏଥିପାଇଁ ମୋତେ ବହୁ ମାତ୍ରାରେ ଉପେକ୍ଷିତ ଓ ଉପହସିତ ହେବାକୁ ପଡ଼ିଅଛି ।

ମୋର ଅନ୍ତର୍ଯାତ୍ରା ଏହିଠାରେ ସମାପ୍ତ ହେଲା । ଧୀରେ ଧୀରେ ମୁଁ ମୋର ସ୍ୱାଭାବିକ ଅବସ୍ଥାକୁ ଫେରିବାକୁ ଲାଗିଲି । ମୋର ଜ୍ଞାନ ଉଦୟ ହେଲା । ଏହି ସବୁ

ଅବସ୍ଥାର ସ୍ମୃତି ଫେରିଲା । ମୁଁ ଅତ୍ୟନ୍ତ ଧୀର, ସ୍ଥିର ଓ ଶାନ୍ତ ହୋଇଗଲି ।

## ୫. ଅବରୋହ

ମୋ ଦେହରେ ଅଦ୍‌ଭୁତ ପ୍ରକାର ପରିବର୍ତ୍ତନକୁ ମୁଁ ଉପଲବ୍ଧି କଲି । ପ୍ରକୃତରେ ମୁଁ ସେଭଳି ଲୋକ ହୋଇପାରିଲି ନାହିଁ ଚେତନାର ଜାଗରଣ ପୂର୍ବରୁ ଯେଭଳି ମୁଁ ଥିଲି । ଧୀରେଧୀରେ ମୋ ସ୍ମୃତି ଓ ଜ୍ଞାନ ଫେରିଲା । କିନ୍ତୁ କର୍ମ କରିବାର କ୍ଷମତା ସେଭଳି ରହିଲା ନାହିଁ ଯେଭଳି ଆଗରୁ ଥିଲା । ସବୁକର୍ମ ଗୁଡିକ ଜ୍ଞାନାବଲମ୍ବୀ ହୋଇଗଲା । ଯାହାକଲେବି ସେଥିରେ କିଛି ନା କିଛି ଜ୍ଞାନର ତଥ୍ୟ ଉପସ୍ଥାପିତ ହେଉଥିଲା । ଏଭଳି କ୍ରମରେ "ପିଣ୍ଡ ଓ ବ୍ରହ୍ମାଣ୍ଡ"ର (ଅନ୍ତର୍ଜଗତ ଓ ବାହ୍ୟଜଗତ) ର ଜ୍ଞାନ ମୋ ନିକଟରେ ଉନ୍ମୁକ୍ତ ହୋଇଗଲା । ଫଳରେ ସାଧାରଣ ମଣିଷ ଭାବରେ ଜୀବନ ବିତାଇବାକୁ ଚେଷ୍ଟା କଲେ ମଧ୍ୟ ମୋ ଭିତରେ ଜ୍ଞାନ ଦୃଷ୍ଟିର ଉନ୍ମୁକ୍ତତା ଯୋଗୁଁ ସେପରି ଜୀବନ ବିତାଇପାରୁନଥିଲି । ପୂର୍ବପରି ପୂଜା, ଉପାସନା ଓ ଧ୍ୟାନ ପ୍ରଭୃତି ମୁଁ ଆଉ କରିପାରିଲି ନାହିଁ । କାରଣ ମୋର ଜ୍ଞାନ ଦୃଷ୍ଟି ଏତେ ପ୍ରଖର ହେଲା ଯେ ମୋ ଭିତରେ ଓ ବାହାରେ ଭଗବାନଙ୍କୁ ଦେଖିପାରୁଥିଲି । ସବୁବେଳେ ଭଗବାନଙ୍କୁ ଦେଖିପାରିବାର ଦୃଷ୍ଟିଥିବା ହେତୁ ବ୍ୟାବହାରିକ ଜୀବନରେ ନିଜକୁ ବଡ଼ ଅପ୍ରସ୍ତୁତ ମନେ କଲି । ଏ ଦେହଟି ଗୋଟିଏ ଜ୍ଞାନାବଲମ୍ବୀ ଦେହ ହୋଇଗଲା । ଲିଭିଯାଇଥିବା

ଚକ୍ରଗୁଡିକର (ENGERGY CENTER) ପୁନଃ ନିର୍ମାଣ ହେବାର ମୁଁ ଲକ୍ଷ୍ୟକଲି । ଏହା ଏତେ ସୂକ୍ଷ୍ମଥିଲା ଯେ କେବଳ ଅର୍ନ୍ତଜ୍ଞାନ ଦ୍ୱାରାହିଁ ତାକୁ ବୁଝିବାକୁ ମୁଁ ସମର୍ଥ ହେଉଥିଲି ।

ଅବରୋହ କ୍ରମରେ ମୋ ମନର ମଧ୍ୟ ପୁନଃନିର୍ମାଣ ହେଲା । ଯାହାକି ଏକ ସ୍ୱଚ୍ଛ ଦର୍ପଣ ଭଳି ଥିଲା । ଏହି ବିଶୁଦ୍ଧ ମନରେ ଅନେକ ନୂଆ ତଥ୍ୟର ପ୍ରତିବିମ୍ବ ଦେଖାଗଲା । ଯାହାଦ୍ୱାରା ଈଶ୍ୱରୀୟ କର୍ମ ଓ ସଂସାରୀ କର୍ମକୁ ମୁଁ ପୃଥକ୍‌ଭାବେ ସ୍ପଷ୍ଟ ବାରିପାରୁଥିଲି । ମୋର ପୂର୍ବମନଟି ଯେଭଳି ଈର୍ଷ୍ୟା, ଅସୂୟା ପ୍ରଭୃତି ଦୋଷରେ ଭରିରହି ଅନ୍ଧକାରଚ୍ଛନ୍ନ ହୋଇଥିଲା ତାହା ସମ୍ପୂର୍ଣ୍ଣ ଲୋପ ପାଇଗଲା । ମୋର ଇଚ୍ଛାବୋଲି କିଛି ଜିନିଷ ରହିଲା ନାହିଁ । ଏହି ଅବସ୍ଥାରେ ମୁଁ ସବୁବେଳେ ପରମ ପୁରୁଷଙ୍କୁ ପ୍ରାର୍ଥନା କରୁଥିଲି ମୋତେ ସାଧାରଣ ଅବସ୍ଥାକୁ ଫେରେଇ ଦିଅ ବୋଲି । କିଛିଦିନ ପରେ ମୋର ସାଧାରଣ ଅବସ୍ଥା ଫେରିଲା କିନ୍ତୁ ତାହା ପୂର୍ବଭଳି ନ ଥିଲା ।

ଏହି କ୍ରମରେ ପୂର୍ବସିଦ୍ଧି ଗୁଡିକ ସବୁ ମୋର ମନେପଡିଲା । ମୁଁ ଏହି ସିଦ୍ଧି ଗୁଡିକୁ ଜନହିତରେ ଲଗେଇବା ପାଇଁ ଚେଷ୍ଟା କରୁଥିଲି । ଜ୍ଞାନର ଧାରା ଏତେ ତୀବ୍ର ଥିଲା ଯେ ଏହା ଅନ୍ୟ କିଛି ଦିଗକୁ ମୋତେ ଟାଣି ନେଉଥିଲା । ଜୀବନର ଅନ୍ଧକାର ଦିଗ ଯାହାକୁ ମୁଁ ଭୟକରୁଥିଲି - ସେହି ଦିଗରେ ପ୍ରଭୁ ମୋତେ ପଥିକ କରାଇଲେ ।

ରୋଗ ନଥିଲେ ମଧ୍ୟ ମୁଁ ରୋଗୀ ହୋଇଗଲି । ଯନ୍ତ୍ରଣା ନ ଥିଲେ ମଧ୍ୟ ଅସହ୍ୟ ଯନ୍ତ୍ରଣାକୁ ମୁଁ ଅନୁଭବ କରୁଥିଲି । ଦୁଃଖ ନଥିଲେ ମଧ୍ୟ ଅବ୍ୟକ୍ତ ବିଷାଦରେ ମୁଁ ନିରନ୍ତର ଦୁଃଖୀ ହୋଇ ରହୁଥିଲି । କୌଣସି ଭୟର କାରଣ ନଥିଲେ ମଧ୍ୟ ଅତିଶୟ ଭୟଭୀତ ହୋଇ ଉଠୁଥିଲି । ଏହି ସମୟରେ ମନୁଷ୍ୟର ସମସ୍ତ ପ୍ରକାର ଯନ୍ତ୍ରଣା, ଦୁଃଖକୁ ମୁଁ ଅନୁଭବ କରୁଥିଲି । ଏହି ଅବସ୍ଥାରେ ମୋତେ ଅନେକ ପ୍ରକାରର କ୍ଷତି ସହିବାକୁ ପଡ଼ିଛି । କିନ୍ତୁ ଏହାଥିଲା ମୋର ଅର୍ନ୍ତଜଗତ ବା ଅନ୍ଧକାରାଚ୍ଛନ୍ନ ଜଗତର ଜ୍ଞାନ ।

ଏସବୁ ଅବସ୍ଥାରୁ ଉଦ୍ଧାର ପାଇବା ପାଇଁ ମୁଁ ନିରନ୍ତର ଭଗବାନଙ୍କୁ ପ୍ରାର୍ଥନା କରୁଥିଲି । କିଛିଦିନ ପରେ ମୋ ଅବସ୍ଥାର ପରିବର୍ତ୍ତନ ହେଲା । ଜୀବନର ଅନେକ ଗୁପ୍ତ ରହସ୍ୟ ମୁଁ ବୁଝିପାରିଲି । ଯାହାକୁ କି ଏଠି ମୁଁ ଉଲ୍ଲେଖ କରି ପାରୁ ନାହିଁ । ବେଳେବେଳେ ମୁଁ ଅତିଶୟ ଆନନ୍ଦ ଅବସ୍ଥାକୁ ଚାଲିଯାଉଥିଲି । ଏତେ ଆନନ୍ଦ ମିଳୁଥିଲା ଯେ ତାହା ମୋ ମନରେ ଓ ଦେହରେ ରହିବା ସମ୍ଭବପର ନଥିଲା । ଏ ଆନନ୍ଦର ଅନେକ ଗୁପ୍ତକଥା ମୋ ନିଜ ଦେହରେ ମୁଁ ଅନୁଭବ କରିପାରୁଥିଲି ।

ସମୟକ୍ରମେ ଈଶ୍ୱରୀୟଭାବର ବିଭିନ୍ନ କ୍ରିୟାକଳାପ ଓ ଲୀଳା ପ୍ରସଙ୍ଗକୁ ମୁଁ ବୁଝିପାରିଲି । କେତେବେଳେ ଜ୍ଞାନର ଲୀଳାପ୍ରସଙ୍ଗ ତ ଆଉ କେତେବେଳେ ଭାବଲୀଳାର ପ୍ରସଙ୍ଗ – ଏସବୁର ରହସ୍ୟ ମୋତେ ଅଭିଭୂତ କରୁଥିଲା ।

ବ୍ୟାବହାରିକ ସ୍ତରରେ କାମକଲାବେଳେ ଅନେକ ଲୋକଙ୍କର "ଭିତରଜୀବନ" ମୋ ବିଶୁଦ୍ଧ ମନରେ ପ୍ରତିବିମ୍ବିତ ହୋଇଯାଏ । ସେମାନଙ୍କର ଅଭିଳାଷ ଏବଂ ଭିତରମନ ବିଭିନ୍ନ ରୂପ ନେଇ ମୋ ପାଖରେ ଉପସ୍ଥିତ ହୋଇଯାଏ । ଫଳରେ ମୁଁ ନିଜକୁ ଅପ୍ରସ୍ତୁତ ମନେ କରେ । ଏବଂ ସେମାନଙ୍କ ଠାରୁ ନିଜକୁ ଦୂରେଇ ରଖେ ।

ସଂସାରର ସୀମାଭିତରେ ମନୁଷ୍ୟ ଏକ ଆହଂକାରିକ ସ୍ଥିତି ଭିତରେ ରହିବାକୁ ବହୁତ ପସନ୍ଦକରେ, ଯାହାକି ଅଧ୍ୟାତ୍ମଦୃଷ୍ଟିରୁ ଠିକ୍ ନୁହେଁ । ଅହଙ୍କାରମୟ ସ୍ଥିତି ଏକ ଅନ୍ଧକାରାଚ୍ଛନ୍ନ ସ୍ଥିତି । ସେଥିପାଇଁ ଅହଙ୍କାର ଜଗତର ଅତ୍ୟନ୍ତ କୁରୂପତା ମୋ ପାଖରେ ବେଳେବେଳ ଉପସ୍ଥିତ ହୋଇଯାଏ । ଫଳରେ ମୁଁ ଏହିପରି ଅହଙ୍କାର ଦୁନିଆ ଠାରୁ ନିଜକୁ ଦୂରେଇ ରଖିବାପାଇଁ ବାଧ ହୋଇଯାଏ । କେବଳ କର୍ମ ପ୍ରବାହରେ ଯଦି ମନୁଷ୍ୟ ଭିତରେ ଶୁଦ୍ଧ ଅହଙ୍କାର ଦେଖାଯାଏ । ତାହା ଅଧ୍ୟାତ୍ମ ଜଗତରେ ପଶିବା ପାଇଁ ମାର୍ଗ ପ୍ରଶସ୍ତ କରେ ।

କୌଣସି ଏକ ସାଧୁ ବ୍ୟବସ୍ଥା କରି ଏକ ଆଶ୍ରମପ୍ରତିଷ୍ଠା କରିବା ପାଇଁ ଚେଷ୍ଟା କରୁଥିଲି । ଯେଉଁଠାରେ ଏହି ଅଧ୍ୟାତ୍ମଜ୍ଞାନକୁ ବିତରଣ କରାଯାଇପାରିବ । କିନ୍ତୁ ଯେଉଁଠାରେ ଏଭଳି ଚର୍ଚ୍ଚା କରୁଥିଲି ସେହିଠାରେ ସେଭଳି ଆଶ୍ରମର ପରିବେଶଟିଏ ସୃଷ୍ଟି ହୋଇ ଯାଉଥିଲା । ଫଳରେ ସାଂସାରିକ ଦୃଷ୍ଟି କୋଣରୁ ଲାଭ କ୍ଷତିର ଚିନ୍ତା ନେଇ

ଲୋକମାନେ ମୋ ଠାରୁ ଦୂରେଇ ଯାଉଥିଲେ । ସେହିକ୍ରମରେ ମୁଁ ଯେଉଁ ସ୍ଥାନକୁ ଯିବା ପାଇଁ ଚାହୁଁଥିଲି - ଦେଶ ହେଉ କିମ୍ବା ବିଦେଶ ହେଉ, ସେ ସବୁସ୍ଥାନର ସୂକ୍ଷ୍ମ ପରିଚୟ ମୋର ଜ୍ଞାନଧାରାରେ ଓ ବିଶୁଦ୍ଧ ମନରେ ଉପସ୍ଥିତ ହେଉଥିଲା । ଫଳରେ ଏହି କର୍ମ ଏକ ଧର୍ମାର୍ଥ କର୍ମ ହୋଇଥିବା ହେତୁରୁ ମୁଁ ତାକୁ ଆଗେଇ ପାରିଲି ନାହିଁ, କାରଣ ଯେଉଁ ଲୋକକୁ ମୁଁ ମାଗିବାକୁ ଚାହୁଁଥିଲି, ସେହି ଲୋକ ଭଗବାନଙ୍କୁ କଣ ମାଗେ ବା କଣ ମାଗୁଛି ମୁଁ ତାହା ଜାଣିପାରି ଏସବୁ ଚିନ୍ତାରୁ ନିଜକୁ ଦୂରେଇ ରଖିଲି । ତଥାପି ସନ୍ତାନମାନଙ୍କର କର୍ମ ସାଧୁକର୍ମ ହୋଇଥିବା ହେତୁରୁ ମୁଁ ସବୁବେଳେ ଈଶ୍ୱରୀୟ ଭାବରେ ରହି ସେମାନଙ୍କୁ ମାର୍ଗଦର୍ଶନ କରେ ।

## ୬. ମୁକ୍ତଚେତନା

ମୁଁ ଏକ ମୁକ୍ତ ଚେତନାର ମଣିଷ । ସଂସାର ଓ ଈଶ୍ୱରଙ୍କୁ ମୁକ୍ତ ଭାବରେ ଅନୁଭବ କରେ । ଦେହ ଧର୍ମୀ ଜୀବନ ଓ ଆତ୍ମଧର୍ମୀ ଜୀବନକୁ ମୁଁ ସ୍ପଷ୍ଟଭାବେ ବାରିପାରେ । ସାଧୁ ବ୍ୟବସ୍ଥାରେ ମୁଁ ବିଶ୍ୱାସ ରଖେ । କାରଣ ଏହି ସାଧୁତାର ବ୍ୟବସ୍ଥା ଭଗବାନଙ୍କ ସୂକ୍ଷ୍ମ ବ୍ୟାପାରକୁ ବୁଝାଇଦେଇପାରେ ।

ମୁକ୍ତ ଚେତନାରେ ସଂସାରର ଅନେକ ରହସ୍ୟ ଉପସ୍ଥିତ ହୁଏ । ଈଶ୍ୱର ମଧ୍ୟ ତାଙ୍କର କାର୍ଯ୍ୟକଳାପକୁ ସୂକ୍ଷ୍ମରୂପରେ ବୁଝାଇ ଦିଅନ୍ତି । କିନ୍ତୁ ଏହା ସାଧାରଣ ମଣିଷ ପକ୍ଷେ

ବୁଝିବା ସମ୍ଭବପର ନୁହେଁ ।

## ୭. ଅତି ସାଧାରଣରୁ ଅନନ୍ୟ ସାଧାରଣ

ମୁକ୍ତ ଚେତନାର ଅଭିନୟ ଭିତରେ ମୁଁ ବିଭିନ୍ନ ସ୍ୱରୂପରେ ଅବସ୍ଥାନ କରେ । କେତେବେଳେ ଅତି ମୂଢତାର ବଶବର୍ତ୍ତୀ ହୋଇ ଅତି ମୂର୍ଖ ଭାବରେ କିଛି ଜାଣିପାରେ ନାହିଁ । କେତେବେଳେ ଅତିଜ୍ଞାନୀ ହୋଇ ବିଭିନ୍ନ ରହସ୍ୟର କଥା ଉନ୍ମୋଚନ କରେ । କେତେବେଳେ ପିଲା ହୋଇ ଘରେ ଦୌଡେ ତ କେତେବେଳେ ଅତିବୃଦ୍ଧ ହୋଇ ଆସନ୍ନ ମୃତ୍ୟୁରେ ପଡ଼ିଥିବା ଲୋକଭଳି ରୋଗଗ୍ରସ୍ତ ହୋଇଯାଏ । କେତେବେଳେ ପୁରୁଷଭାବଧରି ଅତ୍ୟନ୍ତ ପୌରଷର କାମକରେ ତ କେତେବେଳେ ସ୍ତ୍ରୀ ଭାବ ଧରି ଅତ୍ୟନ୍ତ କୋମଳ ହୋଇଯାଏ । ଏହିପରି ଶିଶୁଭାବ-କିଶୋରଭାବ-ଯୁବତୀଭାବ-ଯୁବକଭାବ-ସ୍ତ୍ରୀଭାବ-ବୃଦ୍ଧ ଓ ବୃଦ୍ଧାଭାବର ସ୍ୱରୂପରେ ମୁଁ ଅବସ୍ଥାନ କରେ । ଦୁଃଖ ସୁଖ ବୁଝିବାପାଇଁ ସଂସାରର ସମସ୍ତ ଭାବରେ ମୁଁ ଅବସ୍ଥାନ କରିପାରେ ।

ଏଥିପାଇଁ ଅତିସାଧାରଣ ଅବସ୍ଥାରେ ରହି କେତେବେଳେ ନିନ୍ଦିତ ଓ ଅପମାନିତ ହୋଇଛି ତ କେତେବେଳେ ଈଶ୍ୱରୀୟ ଭାବଧରି ଈଶ୍ୱରସ୍ୱରୂପରେ ଅବସ୍ଥାନ କରି ଫୁଲ ବେଲପତ୍ରୀ ତୁଳସୀ ପ୍ରଭୃତି ବିଭିନ୍ନ ପୂଜା ଦ୍ରବ୍ୟରେ ପୂଜା ପାଇଛି ।

## ୮. ଇତିକଥା

ଦୀର୍ଘ ୧୭ ବର୍ଷ ଧରି ଏହି ଅଧ୍ୟାତ୍ମଜୀବନକୁ ମୁଁ ବିଶେଷଭାବେ ଜ୍ଞାନଧାରାରେ ବୁଝି ଆସିଅଛି । ଏହି ଗହନ ଧାରାକୁ ବୁଝିବା ଓ ବୁଝେଇବା ସହଜକଥା ନୁହେଁ । କେବଳ ଅନୁଭବୀ ଓ ଅଭିଜ୍ଞ ମଣିଷମାନେ ଏକଥାକୁ କିଛି ବୁଝିପାରନ୍ତି ।

ଜୀବନର ଦ୍ୱିତୀୟାର୍ଦ୍ଧରେ ଏହି ସବୁ ଅନୁଭବକୁ ଯିଏ ଅଙ୍ଗେ ନିଭାଇଛି ଏବଂ ଏହି ମୁକ୍ତ ଚେତନାର ଅଭିନୟରେ ଯିଏ ସାହଚର୍ଯ୍ୟ ଦେଇଛି ସେ ହେଉଛି ମୋର ପତ୍ନୀ ଶ୍ରୀମତୀ ସୁଭଦ୍ରା ଦାଶ ଯିଏ ଏହି ପରମେଶ୍ୱରଙ୍କର ଅଧ୍ୟାତ୍ମବିଭୂତିକୁ ଅନୁଭବ କରିଅଛି । ସିଏ ମୂଳରୁ ସାହଚର୍ଯ୍ୟ ଦେଇନଥିଲେ ଏ ଅଧ୍ୟାତ୍ମ ଜୀବନର ଅନନ୍ତଧାରାକୁ ମୁଁ ସ୍ପର୍ଶ କରିପାରି ନ ଥାଆନ୍ତି କି ମୁକ୍ତ ଚେତନାର ଅଧିକାରୀ ହୋଇପାରି ନ ଥାଆନ୍ତି ।

ପ୍ରଫେସର୍ କେଶବଚନ୍ଦ୍ରଦାଶଙ୍କର
ଅନୁଭବାତ୍ମକଅଭିଭାଷଣ ।
ତା : ୩୧.୦୩.୨୦୧୫ ।